# କେନ୍ଦୁଝର : ଜିଲ୍ଲାପାଳଙ୍କଦ୍ୱାରା ଜିଲ୍ଲା ଟୀକା ଭଣ୍ଡାର ପରିଦର୍ଶନ ଓ ସମୀକ୍ଷା



କେନ୍ଦୁଝର, ତା ୦୩.୦୧.ଜିଲ୍ଲାପାଳ ଆଶିଷ ଠାକରେ ଚଳିତ ଜାନୁୟାରୀ ୦୨ ତାରିଖ ଶନିବାର ଦିନ ଜିଲ୍ଲା ଟୀକା ଭଣ୍ଡାର ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା କୋଭିଡ୍-୧୯ ଟୀକାକରଣ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲାପାଳ ଟୀକାକରଣ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ । କୋଭିଡ୍-୧୯ ଟୀକାକୁ ସଂରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ସଂରକ୍ଷଣ ସ୍ଥଳ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ଟୀକା ସଂରକ୍ଷିତ ରଖିବା ପାଇଁ ଉଦ୍ଦିଷ୍ଟ ତାପମାତ୍ରା ଠିକ୍ ରଖିବା ଏବଂ ସମସ୍ତ ପ୍ରକାର ପ୍ରାକ୍ପ୍ରସ୍ତୁତି କାର୍ଯ୍ୟକୁ ଧାର୍ଯ୍ୟ ସମୟରେ ସମାପନ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସରକାରଙ୍କ ନିୟମାବଳୀ ଓ ନିର୍ଦ୍ଦେଶ ଅନୁଯାୟୀ ହେବାକୁ ଥିବା କୋଭିଡ୍-୧୯ ଟୀକାକରଣ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଥିବା ସଂପୃକ୍ତ କର୍ମଚାରୀଙ୍କୁ ସଠିକ୍ ସମୟରେ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ ନିମନ୍ତେ ବ୍ୟାପକ ପ୍ରସ୍ତୁତି କରି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ କହିଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ଉପସ୍ଥିତ ରହି ଏଥି ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସମସ୍ତ ପ୍ରକାର ପ୍ରାକ୍ପ୍ରସ୍ତୁତି କାର୍ଯ୍ୟ ସଂପର୍କରେ ଅବଗତ କରାଇଥିଲେ । ସୂଚନାଯୋଗ୍ୟ ଯେ ସରକାରଙ୍କ ନିର୍ଦ୍ଦେଶାନୁୟାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନିତ କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ଓ ବେସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ୧୨୫୦୯ଜଣ ଆଗ ଧାଡିର କୋଭିଡ୍ ଯୋଦ୍ଧାଙ୍କୁ ଟୀକାକରଣ କରାଯିବାର ବ୍ୟବସ୍ଥା କରାଯାଉଛି । ଜିଲ୍ଲାପାଳଙ୍କ ପରିଦର୍ଶନ ଓ ସମୀକ୍ଷା ସମୟରେ ଜିଲ୍ଲା ଟୀକାକରଣ ଅଧିକାରୀ ଡାଃ ପ୍ରଣତିନୀ ନାୟକ, ଜିଲ୍ଲା ଚିକିତ୍ସା ଅଧିକାରୀ (ଚିକିତ୍ସା ସେବା) ଅଧିକ୍ଷକ ଡାଃ କିଶୋର କୁମାର ପୃଷ୍ଟି, ଡବ୍ଲ୍ୟୁ.ଏଚ୍.ଓ.ର ଏସ୍.ଏମ୍.ଓ. ଡାଃ ସନ୍ତୋଷ କୁମାର ସାହୁ, ଡି.ପି.ଏମ୍. ଏନ୍ଏଚ୍ଏମ୍ ଦିଲ୍ଲୀପ କୁମାର ଦୁବେ, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଜିଲ୍ଲା ଟୀକା ପରିଚାଳକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଡିଡିଏମ୍ ପ୍ରସନ୍ନଜିତ୍ ପଣ୍ଡା, କୋଲଡ୍ ଚେନ୍ ଟେକ୍ନିସିଆନ୍ ଚିନ୍ମୟ କୁମାର ସାହୁ, ଆଇ.ସି.ଏ. ଚିତରଞ୍ଜନ ଜେନା ଏବଂ କୋଲ୍ଡ୍ ଚେନ୍ ହ୍ୟାଣ୍ଡଲର ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱା/-୦୩.୦୧.୨୦୨୧

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର